# ଲୋକଙ୍କୁ ମିଳୁନି, ରାସ୍ତାରେ ବୋହୁଛି

## ଯାଜପୁର ଜିଲ୍ଲାରେ ପାଇପ ଜଳଯୋଗାଣ ପ୍ରକଳ୍ପ

ଯାଜପୁର ଅଫିସ,୫।୨

ଯାଜପୁର ଜିଲାରେ ୯୦ ପ୍ରତିଶତ ଲୋକ ପାଇପ୍ ଯୋଗେ ପାନୀୟ ଜଳ ପାଇପାରୁନାହାନ୍ତି। ୮ଟି ମେଗା ଜଳଯୋଗାଣ ପ୍ରକଳ୍ପ ଏଯାଏ ଲୋକଙ୍କୁ ପାନୀୟ ଜଳ ଯୋଗାଇପାରିନାହିଁ। ଏଭଳିସ୍ଥଳେ ଶତାଧିକ ପାଇପ୍ ଜଳ ପ୍ରକଳ୍ପ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଯାଇଛି। ଫଳରେ ପାନୀୟ ଜଳ ରାସ୍ତାରେ ବୋହିଯାଉଛି। ପାଇପ୍‌ଗୁଡ଼ିକର ମାନ ଯାଞ୍ଚକାରୀ ସଂସ୍ଥା ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଆଇପିଇଟି ବା ସିପେଟ୍) କର୍ତ୍ତୃପକ୍ଷ ଏବଂ ପାଇପ୍ ଯୋଗାଣକାରୀ ସଂସ୍ଥା ମଧ୍ୟରେ ଭିତିରିଆ ବୁଝାମଣା ଯୋଗୁ ଏଭଳି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାର ୧୫୬୦ ଗୋଟି ରାଜସ୍ୱ ଗ୍ରାମର ୩,୭୮,୬୪୫ ପରିବାର ମଧ୍ୟରୁ ଅଦ୍ୟାବଧି ପ୍ରାୟ ୩୭ ହଜାର ପରିବାରଙ୍କୁ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା ହୋଇଛି, ଯାହାକି ପ୍ରାୟ ୧୦ ପ୍ରତିଶତ ହେବ। ଜିଲାରେ ପ୍ରାୟ ୪୫୦ଟି ପାଇପ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଜଳଯୋଗାଣ କରାଯାଉଛି ବୋଲି ବିଭାଗ ପକ୍ଷରୁ ଦାବି ହେଉଛି। ଏହାବାଦ୍ କେତେକ ପାଇପ ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା



ସୁଜନପୁର ପଞ୍ଚାୟତରେ ପାଇପ୍ ଫାଟି ରାସ୍ତାରେ ପାଣି ବହୁଛି।

ସୂଚନା ଦିଆଯାଉଛି। ଜିଲାରେ ୮ଟି ମେଗା ଜଳଯୋଗାଣ ପ୍ରକଳ୍ପ ୫ ବର୍ଷ ନିର୍ମାଣାଧୀନ ରହିଛି। ହେଲେ ସେଥିରୁ ଗୋଟିଏ ବି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏଥିପାଇଁ ପ୍ରାୟ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଗଲାଣି। ହେଲେ ନିର୍ଦ୍ଧାରିତ ପରିବାରବର୍ଗ ପାଇପ୍ ପାଣି ପାଇଁ ଚାହିଁ ରହିଛନ୍ତି। ଅନେକ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ବି ପାନୀୟ ଜଳ ଯୋଗାଇ ହୋଇପାରୁନାହିଁ। ଜିଲାରେ ଏଭଳି ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ରହିଥିବା କୁହାଯାଉଛି। ୯୦ ପ୍ରତିଶତ ପରିବାରଙ୍କୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଇପାରୁ ନ ଥିବାରୁ ନଳକୂପ ଉପରେ ଜିଲାର ଅଧିକାଂଶ ଲୋକ ନିର୍ଭର କରୁଛନ୍ତି। ଅନ୍ୟପକ୍ଷେ ଶିଳ୍ପ ଓ ଖଣି ଅଞ୍ଚଳର ଭୂତଳ ଜଳରେ ଆଇରନ ଅଂଶ ବେଶି ରହୁଥିବା କାରଣରୁ ସମ୍ପୃକ୍ତ ଅଞ୍ଚଳର ଲୋକେ କିଡ୍‌ନୀ ରୋଗର ଶିକାର ହେଉଛନ୍ତି। ଜଳଯୋଗାଣ ପ୍ରକଳ୍ପଗୁଡିକରେ ଯେଉଁ ପାଇପ ବ୍ୟବହାର ହେଉଛି, ତାହାର ପୂର୍ବ ଏବଂ ପରବର୍ତ୍ତୀ ମାନ ଯାଞ୍ଚ କରିବାକୁ କେନ୍ଦ୍ର ସରକାରଙ୍କ ସଂସ୍ଥା ସିପେଟ୍ ରହିଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇରେ ରହିଥିବାବେଳେ କେତେକ ଅଣଓଡ଼ିଆ ଯୋଗାଣକାରୀ ସଂସ୍ଥା ଏଠାକୁ ପାଇପ୍ ଯୋଗାଣ କରୁଛନ୍ତି। ଓଡ଼ିଶାରେ ଥିବା ପାଇପ ନିର୍ମାଣକାରୀ ସଂସ୍ଥାଗୁଡ଼ିକୁ ଅଣଦେଖା କରାଯାଉଛି। ନିକଟରେ ଦାନଗଦି ଓ ରସୁଲପୁର ବ୍ଲକରେ ନିର୍ମାଣାଧୀନ ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ୧,୩୬,୬୩୧ ମିଟର ପାଇପ୍‌ର ମାନ ଉପରେ ସିପେଟ ପକ୍ଷରୁ ସବୁଜ ସଙ୍କେତ ମିଳିଛି। ହେଲେ ବିଭିନ୍ନ ସମୟରେ ପାଇପ୍ ଫାଟି ଗାଁ ଦାଣ୍ଡରେ ପାଣି ବୋହୁଥିବା ଦେଖିବାକୁ ମିଳୁଛି।

ଜିଲାର ବଡ଼ଚଣା ବ୍ଲକ ସିହା ପଞ୍ଚାୟତରେ ସକାଳ ବେଳା କାଁଭାଁ ଜଳଯୋଗାଣ ହେଉଛି। ଏହି ପ୍ରକଳ୍ପର ଅନେକ ଜାଗାରେ ପାଇପ୍ ଫାଟି ପାଣି ନଷ୍ଟ ହେଉଛି ବୋଲି ସିହା ଗ୍ରାମର ପ୍ରମୋଦ କୁମାର ବିଶ୍ୱାଳ, ପ୍ରତାପ କୁମାର ସାହୁ, ବୀର ଚରଣ ସାହୁ, ନିରଞ୍ଜନ ସାହୁ, ମନୋଜ କୁମାର ସେଠୀ, ଛବି ବେହେରା ପ୍ରମୁଖ ଆର୍‌ଡବ୍ଲ୍ୟୁଏସ୍‌ଏସ୍ (ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ) ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ପାଣିଟାଙ୍କି ନିର୍ମାଣରେ ତ୍ରୁଟି ରହିଥିବାରୁ କେବେ ବି ସମ୍ପୂର୍ଣ୍ଣ ଭାବେ ପାଣି ଭର୍ତ୍ତି କରାଯାଉନାହିଁ। ସମ୍ପୃକ୍ତ କର୍ମଚାରୀମାନେ କୁହନ୍ତି, ଇଚ୍ଛା ହେଲେ ପାଣି ଦେବୁ ନ ହେଲେ ନାହିଁ। ଯେଉଁମାନେ ବିଜେଡି ବିରୋଧରେ ଭୋଟ ଦେଇଛନ୍ତି, ସେମାନଙ୍କ ଘରକୁ ପାଣି ଦେବୁ ନାହିଁ ବୋଲି କର୍ମଚାରୀମାନେ କହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଯାଜପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସବଡିଭିଜନ ଅନ୍ତର୍ଗତ ସୁଜନପୁର ପଞ୍ଚାୟତରେ ୩ ବର୍ଷ ହେବ ନିର୍ମାଣ ହୋଇଥିବା ପ୍ରକଳ୍ପ ଏଯାଏ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଆସି ପାରିନାହିଁ। ଏହି ମର୍ମରେ ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲାରେ ଏଭଳି ଅନେକ ପାଇପ ଫାଟିବା ଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ପାଇପ୍ ଜଳ ପାଇବାରୁ ବଞ୍ଚିତ ରହୁଛନ୍ତି। ଏ ସଂକ୍ରାନ୍ତରେ ମତାମତ ନେବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କୁ ଯୋଗାଯୋଗ କରାଯାଇ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### କେନାଲକୁ ଖସିଲା ମିନିଟ୍ରକ୍, ଚାଳକ ଗୁରୁତର

ଧର୍ମଶାଳା,୫।୨(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲ ଲକ ନିକଟରେ ରବିବାର ହାଇଲେଭଲ କେନାଲକୁ ଏକ ମିନିଟ୍ରକ ଖସିପଡିବାରୁ ଏହାର ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଚାଳକ ଛତିଆ ଅଞ୍ଚଳର ଗୋପୀନାଥ ଦାସ ବୋଲି ଜଣାପଡିଛି। ଧର୍ମଶାଳା ମେଡିକାଲରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ରବିବାର ଅପରାହ୍ନ ପ୍ରାୟ ୩ଟା୩୦ ସମୟରେ କବାଟବନ୍ଧ ଆଡକୁ ଯାଉଥିବା ଓଡି-୦୪-କେ-୯୨୨୦ ନଂ. ମିନିଟ୍ରକ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସିପଡିଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗୁରୁତର ଚାଳକଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିବା ସହ କେନାଲରେ ପଡିଥିବା ମିନିଟ୍ରକକୁ ଜେସିବି ସହାୟତାରେ ଉଦ୍ଧାର କରିଥିଲେ।

### ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ଜଣେ ଚାଳକ ଗୁରୁତର

ଧର୍ମଶାଳା,୫।୨(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଜାରକା ଛକ ନିକଟରେ ରାସ୍ତାରେ ଛିଡ଼ା ହୋଇଥିବା ଏକ ହାଇୱାକୁ ଅନ୍ୟ ଏକ ହାଇୱା ଧକ୍କା ଦେବା ଫଳରେ ଜଣେ ଚାଳକ ଗୁରୁତର ହୋଇଛନ୍ତି। ରବିବାର ପୂର୍ବାହ୍ନରେ ଓଡି-୨୯-ଏଚ୍-୯୫୯୬ ନଂ. ବିଶିଷ୍ଟ ହାଇୱା ରାସ୍ତା କଡ଼ରେ ଛିଡ଼ା ହୋଇଥିବାବେଳେ ଓଡି-୦୯-ଏଫ୍-୪୮୨୨ ନଂ. ହାଇୱା ଆସି ତାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ପଛପଟ ହାଇୱା ଚାଳକ ଗାଡିରେ ଚାପି ହୋଇ ରହିଯାଇଥିଲେ। ଚଣ୍ଡିଖୋଲ ଦମକଳବାହିନୀ କର୍ମଚାରୀ ପହଞ୍ଚି ଗାଡି ଡୋର କାଟି ଗୁରୁତର ଚାଳକଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ଡ୍ରାଇଭର ନରେଶ ମଲିକ (୪୫) ବୋଲି ଜଣାଯାଇଛି। ପ୍ରାଥମିକ ଚିକିତ୍ସା ପାରେ ଡାକ୍ତର ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

### ୧୯୮୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ବାଲିଚନ୍ଦ୍ରପୁର,୫।୨(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ପଞ୍ଚାୟତସ୍ଥିତ ନିଗମାନନ୍ଦ ବିଦ୍ୟାପୀଠ ୧୯୮୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଲାଶୁଣୀ ସନ୍ଥ ଅରକ୍ଷିତ ଦାସଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ୪୧ ବର୍ଷ ପରେ ସମସ୍ତ ଛାତ୍ରୀଛାତ୍ର ଏକାଠି ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିସହିତ ଆଗାମୀ ଦିନରେ ଚାରାରୋପଣ, ସାମାଜିକ ଚେତନା, ଦରିଦ୍ରନାରାୟଣ ସେବା ଆଦି କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ର ସ୍ଥିର କରିଥିଲେ। ଉତ୍ସବରେ ପ୍ରଭାତ ଦାଶ, ବିମଳ ଜେନା, ଦୁଃଶାସନ ପ୍ରଧାନ, ଧୀରେନ୍ଦ୍ର କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ସାମଲ, ଭରତ ଚନ୍ଦ୍ର କର, ମୁରଲିଧର ମଲ୍ଲିକ, ଅଶୋକ ସାମଲ, ପ୍ରସନ୍ନ ପରିଡ଼ା, ବୀରବର ଜେନା, ଦାପ୍ତିମୟୀ ନନ୍ଦ, ଆଭାରାଣୀ ରାଉତରାୟ, ପ୍ରତିମା ପୁହାଣ, ସୌଦାମିନୀ ଜେନା, ମୀନାକ୍ଷୀ ଓଝା ଓ ମେନକା ସେଠୀ ପ୍ରମୁଖ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ମାର୍ଚ୍ଚ ୨୨ରେ ସଂସଦ ଘେରାଉ ଚେତାବନୀ



ଖବରଦାତା ସମ୍ମିଳନୀରେ ଡିଲର ମହାସଂଘର କର୍ମକର୍ତ୍ତାମାନେ।

## ୧୧ ଦଫା ଦାବିରେ ଡିଲର ମହାସଂଘର ଖବରଦାତା ସମ୍ମିଳନୀ

ଯାଜପୁର ଟାଉନ,୫।୨(ଡି.ଏନ.ଏ.):

ଯାଜପୁର ଜିଲା ଡିଲର ମହାସଂଘ ପକ୍ଷରୁ ୧୧ ଦଫା ଦାବି ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ବାରମ୍ବାର ସରକାରଙ୍କ ନିକଟରେ ସେମାନଙ୍କ ଦାବି ଉପସ୍ଥାପନା କରୁଥିଲେ ମଧ୍ୟ ସରକାର ଦୃଷ୍ଟି ଦେଉ ନ ଥିବାରୁ ସଂଘ ମାର୍ଚ୍ଚ ୨୨ରେ ସଂସଦ ଘେରାଉ କରିବ ବୋଲି ଚେତାବନୀ ଦେଇଛି।

ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାସଂଘ ଦାବି କରିଛି ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଯେପରି ଖାଦ୍ୟ ଶସ୍ୟ ଯୋଗାଇ ଦିଆଯାଉଥିଲା ବର୍ତ୍ତମାନ ସେହିପରି ଭାବେ ଯୋଗାଇ ଦିଆଯାଉ। ଡିଲରଙ୍କୁ ମାସିକ ୫୦ହଜାର ଟଙ୍କାର ରୋଜଗାର, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ସୁପାରିସ ଲାଗୁ, ଡାଲି, ତେଲ ଓ ଚିନି ପ୍ରତ୍ୟେକ କାର୍ଡଧାରୀଙ୍କୁ ଯୋଗାଇଦେବା, ଗ୍ରାମୀଣ ଡିଲରଙ୍କୁ ସିଧାସଳଖ ଖାଦ୍ୟ ଶସ୍ୟ ସଂଗ୍ରହ ପାଇଁ ଅନୁମତି, ସମସ୍ତ ଭାରତୀୟ ନାଗରିକଙ୍କୁ ରାଶନ କାର୍ଡ, କରୋନାରେ ମୃତ୍ୟୁବରଣ କରିଥିବା ଡିଲରଙ୍କୁ ୫୦ଲକ୍ଷ ଟଙ୍କା ସହାୟତା ରାଶି, ପିଏମଜିକେୱାଇରେ ବିତରଣ ବାବଦକୁ ବକେୟା ଥିବା ଡିଲର ମାର୍ଜିନ ଓ ଅତିରିକ୍ତ ଡିଲର ମାର୍ଜିନ ତୁରନ୍ତ ଯୋଗାଇ ଦିଆଯିବା, ୨୦୨୨ ଜାନୁୟାରୀରୁ ଡିସେମ୍ବର ପର୍ଯ୍ୟନ୍ତ ବିତରଣ କରାଯାଇଥିବା ରାଶନର ପାରିଶ୍ରମିକ ବାବଦକୁ ପ୍ରତି କୁଇଣ୍ଟାଲରେ ୧୦୪ ଟଙ୍କା ଯୋଗାଇ ଦିଆଯିବା ଆଦି ଅନ୍ତର୍ଭୁକ୍ତ। ଯଦି ସରକାର ଡିଲରଙ୍କ ଭବିଷ୍ୟତ, ସୁରକ୍ଷା ଏବଂ ବକେୟା ପାରିଶ୍ରମିକ ପ୍ରାପ୍ତି ନିମନ୍ତେ ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପିଏସଓ ମେସିନ୍ ବନ୍ଦ କରିବା ସହିତ ସମସ୍ତ ବିକ୍ରୟ କେନ୍ଦ୍ରରେ ତାଲା ପକାଇ ଦିଆଯିବ। ମାର୍ଚ୍ଚ ୨୨ରେ ନୂଆଦିଲ୍ଲୀସ୍ଥିତ ରାମଲୀଳା ମଇଦାନରେ ବିଶାଳ ପଦଯାତ୍ରା ହୋଇ ସଂସଦ ଘେରାଉ କରାଯିବ। ଏହି ଖବରଦାତା ସମ୍ମିଳନୀରେ ବାସୁଦେବ ବେହେରା, ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ଶରତ ଚନ୍ଦ୍ର ବିଶ୍ୱାଳ, ହୃଷୀକେଶ ବାରିକ, ଅକ୍ଷୟ ରାଉତ, ନରୋତ୍ତମ ଜେନା, ଏକାଦଶୀ ଦାସ ଓ ଅଭିମନ୍ୟୁ ସାହୁଙ୍କ ସମେତ ଜିଲାର ସମସ୍ତ ଡିଲର ଉପସ୍ଥିତ ଥିଲେ।

# ସରିଲା ସିପିଆଇର ରାଜ୍ୟ ପରିଷଦ ବୈଠକ





ବୈଠକରେ ଯୋଗ ଦେଇଥିବା ସିପିଆଇର କର୍ମକର୍ତ୍ତା।

ଚଣ୍ଡିଖୋଲ/ବଡ଼ଚଣା,୫।୨(ଡି.ଏନ୍.ଏ.)

ଚଣ୍ଡିଖୋଲସ୍ଥିତ ହୋଟେଲ ଲୋଟସ୍ ଇନ୍‌ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ରାଜ୍ୟ ପରିଷଦ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ସାଧାରଣ ପରିଷଦ ବୈଠକର ଶେଷ ଦିନରେ ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ ହୋଇଛି। କେନ୍ଦ୍ରର ଭାଜପା ସରକାରକୁ କ୍ଷମତାରୁ ହଟାଇବା, ବେକାର ଯୁବକଙ୍କୁ ଭତ୍ତା ପ୍ରଦାନ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନମାରଣ ନୀତି ବିରୋଧରେ ଆନ୍ଦୋଳନ, ଧାନ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା ସହିତ ୧ ହଜାର ଟଙ୍କାର ବୋନସ ପ୍ରଦାନ ଓ କଟନୀ ଛଟନୀ ଆଦି ବନ୍ଦ କରିବାକୁ ଦାବି କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ପାର୍ଟି ନାରୀନେତ୍ରୀ ଚିନ୍ମୟୀ ସାହାଣୀ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ରମେଶ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଚଣ୍ଡିଖୋଲ ଛକକୁ ମୋ-ବସ ଚାଲିବା, ଉଠାଦାକାନୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ, ଯାଜପୁରରୋଡ୍ ଧାମରା ରେଳପଥ ନିର୍ମାଣ ଓ ଚଣ୍ଡିଖୋଲକୁ ଏନ୍‌ଏସିର ମାନ୍ୟତା ଦାବି କରାଯାଇଥିଲା। ବୈଠକରେ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ଜାତୀୟ ପରିଷଦ ସଭ୍ୟ କ୍ଷୀରୋଦ ସିଂହଦେଓ, ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ଈଶ୍ୱର ପରିଡ଼ା ସ୍ୱାଗତ ଭାଷଣସହଅତିଥିପରିଚୟଦେଇଥିଲେ।

# କଳାଦିବସ ପାଳିବେ କଂଗ୍ରେସ ପାରିଷଦ

## ବ୍ୟାସ ସରୋବର ମହୋତ୍ସବରେ ମନମାନି

କଳିଙ୍ଗନଗର,୫।୨(ଡି.ଏନ.ଏ.):

ଚଳିତବର୍ଷ ବ୍ୟାସସରୋବର ମହୋତ୍ସବରେ ଅବ୍ୟବସ୍ଥା, ମନମାନୀ ଏବଂ ପୂଜ୍ୟପୂଜାକୁ ଅସମ୍ମାନକୁ ନେଇ ବ୍ୟାସନଗର କଂଗ୍ରେସ ପାରିଷଦ ଶନିବାର ବ୍ୟାସନଗର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ମହୋତ୍ସବରେ ଘଟିଥିବା ଅବ୍ୟବସ୍ଥାର ପୁନଃବିଚାର କରିବାକୁ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହା ନ ହେଲେ ସୋମବାରଠାରୁ ୫ କଂଗ୍ରେସ ପାରିଷଦ ପୌର କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିବା ସହିତ କଳା ଦିବସ ପାଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପୌର ପରିଷଦ ପାଣ୍ଠିରୁ ମହୋତ୍ସବ ପାଇଁ ୩୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ହେଲେ ମହୋତ୍ସବର କୌଣସି ହୋର୍ଡିଂ ନାହିଁ। ସ୍ଥାନୀୟ ସାମ୍ବାଦିକଙ୍କୁ ପ୍ରଚାର ପ୍ରସାରରେ ସାମିଲ କରାଯାଇନାହିଁ। ପୌରାଧ୍ୟକ୍ଷା ଏବଂ ନିର୍ବାହୀ ଅଧିକାରୀ ମେରିରାୟ ନୀତି ଆପଣାଇଥିବା ପାରିଷଦମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ପୌରାଧକ୍ଷା କିମ୍ବା ପୌର ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।

# ସୁନାଦୋକାନରୁ ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ

ରସୁଲପୁର,୫।୨(ଡି.ଏନ.ଏ.):

କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ବଜାରସ୍ଥିତ ସାହୁ ଜୁଏଲେରୀ ଦୋକାନରୁ ଶନିବାର ରାତିରେ ଚୋରି ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ଦୋକାନୀଙ୍କ ପରିବାର ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ଯୁବକ ଏହି ଥାନା ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ଗୋରଧା ଗ୍ରାମରେ ବୋଲି ଜଣାପଡିଛି। ସୁନା ଦୋକାନୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ତଦନ୍ତ ଆରମ୍ଭ କରିଛି।

ମାଲିକ ଦୋକାନରେ ଶୋଇଥିଲେ। ଯୁବକ ଜଣକ ସ୍କାଇ ଲାଇଟ୍ ଭାଙ୍ଗି ଦୋକାନକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ସ୍କାଇଲାଇଟ୍ ଭାଙ୍ଗା ଯାଉଥିବା ଶବ୍ଦ ଶୁଣି ଦୋକାନୀ ତାଙ୍କ ଭାଇ ଓ ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଫଳରେ ଦୋକାନୀଙ୍କ ପରିବାର ଲୋକେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଥାନା ଜିମା ଦେଇଥିଲେ। ଅନ୍ୟପକ୍ଷରେ ମଧୁବନ ବଜାରରୁ ବାରମ୍ବାର ଚୋରି ହେଉଛି। ହେଲେ ଚୋରି ରୋକିବାରେ ପୋଲିସ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ଚଳିତ ସପ୍ତାହରେ ମଧୁବନହାଟରେ ଥିବା ଏକ ଗୋଖାଦ୍ୟ ଦୋକାନରୁ ଚୋରି ହୋଇଥିଲା। ମାତ୍ର ଉକ୍ତ ଚୋରିରେ ସଂପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ଏହି ବଜାରରେ ରାତ୍ର ଜଗୁଆଳ ଓ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି। ମାତ୍ର ପୋଲିସ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଚୋରି ବଢୁଥିବା କୁହାଯାଉଛି।

# ଟିଣହଟିଂରେ ମାଗେ ପରବ ଉତ୍ସବ

ଯାଜପୁର ରୋଡ,୫।୨(ଡି.ଏନ.ଏ.)

ବ୍ୟାସନଗର ପୌର ପରିଷଦ ଅଧୀନ ୨୫ ନମ୍ବର ୱାର୍ଡ ଟିଣହଟିଂଠାରେ ବିର୍ସା ମୁଣ୍ଡା କ୍ଲବ ପକ୍ଷରୁ ୩ଦିନ ଧରି ମାଗେ ପରବ ଉତ୍ସବ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ବିପ୍ଳବ କେଶରୀ ସାମନ୍ତରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଟାଟା ପାୱାର ଯାଜପୁର ରୋଡ୍ ଡିଭିଜନ ଏସ୍‌ଡିଓ ପାର୍ଥସାରଥି ଦାସ, ସେକ୍ସନ ଇନଚାର୍ଜ ସୁବ୍ରତ କୁମାର ଚକ୍ର, ଆଇନଜୀବୀ ସତ୍ୟଜିତ ଶତପଥୀ, ବରିଷ୍ଠ ଖବରଦାତା ହାରାଧନ ବାନାର୍ଜୀ, ଧରିତ୍ରୀର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, ଖବରଦାତା ସୁଜିତ ମଲ୍ଲିକ, ପ୍ରକାଶ ରାଉତ, ଜ୍ଞାନରଞ୍ଜନ ଓଝା, ଶହୀଦ ଭଗତସିଂ ସଂଘର ମାଣିକ ଗଗାରାଇ ଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କ ମାଗେ ପରବ ଏବଂ ଚାଲିଚଳଣୀ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନରେ ପୌରପରିଷଦ ଅଧକ୍ଷା ସଙ୍ଗୀତା ପିଙ୍ଗୁଆ ମୁଖ୍ୟ ଅତିଥି, ଜିଲା କ୍ରୀଡା ଅଧିକାରୀ ଫକିରମୋହନ ଟୁଡ୍ଡୁ, ତହସିଲଦାର ଅଶୋକ କୁମାର ମାଝି, ପୌର ପରିଷଦ ନିର୍ବାହୀ ଅଧିକାରୀ ବିକ୍ରମ କୁମାର ମଲ୍ଲିକ, ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଯାଜପୁର ରୋଡ୍ ଆଇଆଇସି ଉପେନ୍ଦ୍ର କୁମାର ପ୍ରଧାନ, ଗୁରୁବର ସିଂ ପିଙ୍ଗୁଆ ପ୍ରମୁଖ ଆଦିବାସୀମାନଙ୍କ ଅର୍ଥନୈତିକ ଏବଂ ସାମାଜିକ ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଆଦିବାସୀ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାମାଜିକ କର୍ମୀ ବିପ୍ଳବ ସାମନ୍ତରାୟଙ୍କୁ ବିର୍ସା ମୁଣ୍ଡା ଗୌରବ ସମ୍ମାନ ଦିଆଯାଇଥିଲା। ପୋଲିସ କନଷ୍ଟେବଲ ଜୟଶ୍ରୀ ବାସ୍କେ, ଯୁକ୍ତ୨ରେ ସର୍ବୋଚ୍ଚ ନମ୍ବର ରଖଥିବା ଚଗଲାଲ ହେମ୍ବ୍ରମ୍, ମାଟ୍ରିକ ପରୀକ୍ଷାରେ ଭଲ ମାର୍କ ପାଇଥିବା ମାଳତୀ ଟୁଡୁ, ସାମାଜିକ କର୍ମୀ ମାଣିକ ଗାଗରାଇ, ସ୍ୱର୍ଗତ ବିଜୟ ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ସମସ୍ତ ଅତିଥିଆଦିବାସୀମାନଙ୍କ ସହ ପାରମ୍ପରିକ ନାଚଗୀତରେ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ରସୁଲପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ରସୁଲପୁର,୫।୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଅଧକ୍ଷ ସୌଦାମିନୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ, ମୁଖ୍ୟବକ୍ତା ବିଡିଓ ଅବନିକାନ୍ତ ସାହୁ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର କୁମାର ପାତ୍ର, ସମିତିସଭ୍ୟ ଦୋଳଗୋବିନ୍ଦ ମଳିକ, ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁଶମଣି ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଅତିଥିମାନେ କହିଥିଲେ, ଆଦର୍ଶ ବିଦ୍ୟାର୍ଥୀ ଗଢ଼ି ତୋଳିବା ଆଦର୍ଶ ବିଦ୍ୟାଳୟର ଲକ୍ଷ୍ୟ। ଗରିବ ପିଲାଙ୍କୁ ମାଗଣାରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା ପ୍ରୟାସରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସୃଷ୍ଟି ହୋଇଛି। ବ୍ୟୟବହୁଳ ସିବିଏସ୍‌ଇ ପାଠ୍ୟକ୍ରମକୁ ଗ୍ରାମାଞ୍ଚଳ ପିଲାଙ୍କ ପାଇଁ ଉପଲବ୍ଧ କରାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ କରାଯାଉଛି। ୨୦୧୬ରୁ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିବା ଆରମ୍ଭ କରିଛନ୍ତି। ପରେ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଓ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥି ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।





ଅତିଥି କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

# କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଏଣ୍ଡଳବା ଚାମ୍ପିୟନ

ଧର୍ମଶାଳା,୫।୨(ଡି.ଏନ.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚ୍‌ରେ ବାରବାଟୀ ଟିମ୍‌କୁ ୪ ଉଇକେଟରେ ପରାସ୍ତ କରି ଏଣ୍ଡଳବା ଟିମ୍ ଚାମ୍ପିୟନ ହୋଇଛି। ବାରବାଟୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୨୧ ରନ କରିଥିଲା। ଦଳପକ୍ଷରୁ ସୁଦର୍ଶନ ବାରିକ ୩୩ ଓ ଶୀବସ୍ନ ନାୟକ ୨୬ ରନ କରିଥିଲେ। ବିପକ୍ଷ ଏଣ୍ଡଳବା ଟିମ୍‌ର ଧନେଶ୍ୱର ପ୍ରଧାନ ୩, ସୁଶାନ୍ତ ପରିଡ଼ା ୨ ଉଇକେଟ ନେଇଥିଲେ। ଜବାବରେ ଏଣ୍ଡଳବା ଟିମ୍ ୧୪.୩ ଓଭରରେ ୬ ଉଇକେଟ ହରାଇ ୧୨୨ରନ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ କୁନା ସାହୁ ୪୯ ଓ କୁଲୁ ପୃଷ୍ଟି ୪୫ ରନ କରିଥିଲେ। ବିପକ୍ଷ ବାରବାଟୀ ଟିମର ଅମରେଶ ପଣ୍ଡା ଓ ରୁଦ୍ର ପ୍ରସାଦ ବେହେରା ୨ ଲେଖାଏ ଉଇକେଟ ନେଇଥିଲେ।





ଚାମ୍ପିୟନ ଦଳକୁ ବିଧାୟକ ଟ୍ରଫି ପ୍ରଦାନ କରୁଛନ୍ତି।

ମ୍ୟାଚ୍‌କୁ ସୁବ୍ରତ ଜେନା ଓ ଇନ୍ତେକାବ ଆଲମ ପରିଚାଳନା କରିଥିଲେ। କେଡିଏମ୍ ଅଧକ୍ଷ ପ୍ରଭାତ ବଳବନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଶାନ୍ତି ଶୃଙ୍ଖଳାରେ ସହ ଉଦ୍‌ଯାପିତ ହୋଇଥିବାରୁ ସମସ୍ତ ପଞ୍ଚାୟତବାସୀ, ଖେଳାଳି ଓ ଆୟୋଜକ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ପ୍ରଦାନ କରିଥିବା ବେଳେ ଦେବରାଜ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ରୀତା ତରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡ଼ା, ଜିଲା ପରିଷଦ ସଦସ୍ୟ ଜଳଧର ମହାନ୍ତି ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଚାମ୍ପିୟନ ଓ ରନର୍ସଅପ ଟିମକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ ରସୁଲପୁର ବ୍ଲକ ପ୍ରଶାସନ ଓ ଧର୍ମଶାଳା ବ୍ଲକ ପ୍ରଶାସନ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରସୁଲପୁର ବ୍ଲକ ପ୍ରଶାସନ ପ୍ରଥମେ ବ୍ୟାଟିଂ କରି ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୬ରନ କରିଥିଲା। ଧର୍ମଶାଳା ବ୍ଲକ ପ୍ରଶାସନ ୧୩.୨ ଓଭରରେ ୯ ଉଇକେଟ ହରାଇ ୯୦ ରନ କରି ବିଜୟୀ ହୋଇଥିଲା। ଏହିମ୍ୟାଚକୁନିକୁଞ୍ଜ ବେହେରା ଓ ଆଶୀର୍ବାଦ ଶତପଥୀ ପରିଚାଳନା କରିଥିଲେ।

**ରାସ୍ତାକଡ଼ରେ ମୃତ ନବଜାତ ଶିଶୁକନ୍ୟା**

ରାଜନଗର,(ଡି.ଏନ.ଏ.): ଏବେ ବି ଅଲୋଡା ଶିଶୁକନ୍ୟା। ରବିବାର ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ମହିଁଷାସୁର-ଚଣ୍ଡିଆପଲ୍ଲି ରାସ୍ତା କଡ଼ରେ ଏକ ମୃତ ନବଜାତ ଶିଶୁକନ୍ୟା ପଡିଥିବା ଦେଖିବାକୁ ମିଳିଛି। କେହି କନ୍ୟା ସନ୍ତାନ ଜନ୍ମ କରିବା ପରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଶିଶୁକନ୍ୟାଟି ନାଳ ଭିତରେ ପଡିବା ପରିବର୍ତ୍ତେ ଉପରେ ପଡିଛି। ଶିଶୁକନ୍ୟାର ନାହି ନାଡ଼ ବାଉଁଶରେ ଗୁଡାଇ ହୋଇ ରହିଛି। ରାସ୍ତାରେ ଯାଉଥିବା ଲୋକେ ଏହା ଦେଖିବା ପରେ ସେଠାରେ ଭିଡ଼ ଜମିଥିଲା । କେତେ କିଏ ଓ କାହିଁକି ସେହି ଶିଶୁକନ୍ୟାକୁ ଫୋପାଡ଼ି ଦେଇଛନ୍ତି ତାର କୌଣସି ସୂଚନା ମିଳିନାହିଁ।

## ସଂକ୍ଷେପରେ

### 'ଓଡ଼ିଆ-ବଙ୍ଗଳା ଭାଷାର ସମନ୍ୱୟ ହିନ୍ଦୀ'

ପାରାଦୀପ,୫।୨ (ସ୍ୱ.ପ୍ର.): ପାରାଦୀପର ବତୀଘର ପରିସରରେ ବୁଧବାର ରାଜଭାଷା ହିନ୍ଦୀ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜଭାଷା ଦୀପସ୍ତମ୍ଭ ଓ ଦୀପ ପ୍ରୋତ ପ୍ରୋତ୍ସାହନ ଯୋଜନା ଅଧୀନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବତୀଘର କଲିକତାର ଡେପୁଟି ଡାଇରେକ୍ଟର ଅବଦୁଲା ରଫିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଧାପିକା ଅନୁରାଧା କୁମାରୀ, ଡିଏଭି ସ୍କୁଲ ଅଧକ୍ଷା ବିନ୍ଦୁଶ୍ରୀ, ବତୀଘର ଇନଚାର୍ଜ ପି.କେ. ଦତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ପ୍ରଚଳିତ ବିଭିନ୍ନ ପ୍ରାନ୍ତୀୟ ଭାଷା ମଧ୍ୟରୁ ଅଧିକ ହିନ୍ଦୀ ଭାଷା କୁହାଯାଉଛି। ଏହାକୁ ରାଜଭାଷା ବୋଲି ମଧ୍ୟ କୁହାଗଲାଣି। କିନ୍ତୁ ଓଡ଼ିଆ ଓ ବଙ୍ଗଳା ଭାଷାର ସମନ୍ୱୟ ହେଉଛି ହିନ୍ଦୀ ବୋଲି ଅତିଥି ରଫିକ କହିଥିଲେ। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ସାରଳା କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ରାହାମା,୫।୨(ଡି.ଏନ୍.ଏ.): କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ଗ୍ରାମପଞ୍ଚାୟତ ରାଇଗଣ ଗ୍ରାମର ଶିକ୍ଷାବିତ୍ ତଥା ସାରଳା ମହାବିଦ୍ୟାଳୟ ରାହାମାର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ଚୌଧୁରୀ(୮୧)ଙ୍କ ରବିବାର ପରଲୋକ ଘଟିଛି। ସେ ଜଣେ ଛାତ୍ରୀଛାତ୍ରବତ୍ସଳ,ଆଧାତ୍ମିକବାଦୀ ଅଧାପକ ଭାବେ ପରିଚିତ ଥିଲେ। ତାଙ୍କର ମରଶରୀରକୁ କର୍ମଭୂମି ସାରଳା ମହାବିଦ୍ୟାଳୟ ରାହାମା ପରିସରକୁ ନିଆଯିବା ସହ ରାହାମା ବଜାର ଓ ସାଇଲୋ ଗ୍ରାମ ପଞ୍ଚାୟତରେ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖବରପାଇ ସାଲେଲୋ ସରପଞ୍ଚ ସରୋଜ କୁମାର ସେଠୀ, ଆଇନଜୀବୀ କିଶୋର କୁମାର ସ୍ୱାଇଁ, କୁଜଙ୍ଗ ଜିଲା ପରିଷଦ ରବିନାରାୟଣ ସାହୁ, ସାମାଜିକ କର୍ମୀ ଡ.ସୁନାକର ବେହେରା,ସାଇଲୋ ସମବାୟ ସମିତି ପୂର୍ବତନ ସଭାପତି ଭିକାରି ଚରଣ ସେନାପତି, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ସାହୁ ,ପୂର୍ବତନ ସରପଞ୍ଚ ତାଳପଡା ନିହାର ରଞ୍ଜନ ଲେଙ୍କା ପ୍ରମୁଖ ଚୌଧୁରୀଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଛନ୍ତି। ଚୌଧୁରୀଙ୍କ ବାପା କେଶବ ଚନ୍ଦ୍ର ଚୌଧୁରୀ ସାରଳା ମହାବିଦ୍ୟାଳୟ ରାହାମା ଓ ସାଇଲୋ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ନିମନ୍ତେ ଭୂମିଦାନ କରିଥିବାରୁ ତାଙ୍କ ନାମରେ କେଶବ ଚନ୍ଦ୍ର କେସିଏମ୍ଇ ମାଇନର ସ୍କୁଲ ପ୍ରତିଷ୍ଠା କରାଯାଇଛି।

# ଜ୍ଞାନୀ, ଗୁଣୀ, ସାହିତ୍ୟ ସାଧକ ସବୁଠି ପୂଜା ପାଆନ୍ତି


ନାଟ୍ୟକାର ଭାଗୀରଥି ଦାସ ଓ ସଞ୍ଜିତ କୁମାର ପଟ୍ଟନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୫।୨**

**ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ୧୨୨ତମ ଜୟନ୍ତୀ ଉତ୍ସବ**

ଜ୍ଞାନୀ, ଗୁଣୀ ଓ ସାହିତ୍ୟ ସାଧକମାନେ ସବୁଠି ପୂଜା ପାଆନ୍ତି। ସେମାନଙ୍କ ସାଧନା କେବେ ବି ବିଫଳ ଯାଏ ନାହିଁ। ଆଜି ଆମ୍ଭେମାନେ ଯେତେବେଳେ ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣଙ୍କ କଥା ସ୍ମରଣ କରୁଛେ, ସେତେବେଳେ ସେଇ କଥା ମନେ ପଡୁଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଲୋକକବିଙ୍କ ୧୨୨ତମ ଜୟନ୍ତୀ ପାଳନ ଉତ୍ସବରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏହା କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସେ ଏହା କହିଥିଲେ, ୧୯୨୧ରୁ ୧୯୫୮ପର୍ଯ୍ୟନ୍ତ ବାଳକୃଷ୍ଣଙ୍କର ଲେଖା କେବେ ବି ଅଟକି ନ ଥିଲା । ଏହି କାଳଜୟୀ ଲେଖାଗୁଡିକ ଇତିହାସ ହୋଇ ରହିଯାଇଛି। ତାଙ୍କ ରଚିତ ପ୍ରତ୍ୟେକ ଲେଖାର ମାନ ଉଚ୍ଚ କୋଟିର ଓ ହୃଦୟସ୍ପର୍ଶୀ। ଆଉ ତାଙ୍କ ନାଟକରେ ଯେଉଁମାନେ ନିଖୁଣ ଅଭିନୟ କରିଛନ୍ତି ତାହା ମଧ୍ୟ ସ୍ମରଣୀୟ ବୋଲି ବିଚାରପତି ତ୍ରିପାଠୀ କହିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଇଂ. ପ୍ରଭାକର ସ୍ୱାଇଁ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣଙ୍କ ରଚନାର ବିଶେଷତ୍ୱ ଉପରେ ବଖାଣିଥିଲେ।

ପରିଷଦ ସଭାପତି ମହେନ୍ଦ୍ର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଔପନ୍ୟାସିକ ତଥା ନାଟ୍ୟକାର ଭାଗୀରଥି ଦାସ, ଉତ୍କଳ ସାହିତ୍ୟ ସମାଜ ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଳକୃଷ୍ଣଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦାସ ଓ ପଟ୍ଟନାୟକଙ୍କୁ ବାଣୀକ୍ଷେତ୍ର ନାଟ୍ୟପ୍ରଜ୍ଞା, ବାଳକୃଷ୍ଣ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ନାଟ୍ୟାପ୍ରଜ୍ଞା ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପରିଷଦ କାର୍ଯ୍ୟକାରୀ ଅଧକ୍ଷ ହେମନ୍ତ ରଥ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଶେଷରେ ପରିଷଦ ସମ୍ପାଦକ ଗୋପାଳକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରେ ବାଣୀକ୍ଷେତ୍ର ନାଟ୍ୟ ପରିଷଦ ପକ୍ଷରୁ ଲୋକକବିଙ୍କ ରଚିତ ଅମର ବିଳାସ ଗୀତାଭିନୟ ପରିବେଷିତ ହୋଇଥିଲା। ରବିବାର ପରିଷଦ କାର୍ଯ୍ୟକାରୀ ଅଧକ୍ଷ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ବାଳକୃଷ୍ଣଙ୍କ ରଚନାରମାନ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ତାଙ୍କ ଲିଖିତ ଗୀତାଭିନୟ କୁହାଯାଉଥିବା ବାଣା ପରାଜୟ ସମେତ ଅନେକ ନାଟକ ଗାଁ ଗାଁରେ ଲୋକାଦୃତ ହୋଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ଯୋଗ ଦେଇଥିଲେ । ସାମାଜିକ କର୍ମୀ ଅକ୍ଷୟ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ ସହ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ପରିଷଦ ସମ୍ପାଦକ ମିଶ୍ର ସ୍ୱାଗତ ଭାଷଣ, ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଓ ଲାଲା ସଂଗ୍ରାମ କେଶରୀ ରାୟ ଧନ୍ୟବାଦ ଦେଇଥିଲେ। ଉଭୟ ଦିବସରେ କୁଇଜ ଓ ସଭା ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଳକୃଷ୍ଣଙ୍କ ରଚିତ ନାଟକ ପରିବେଷଣ ହୋଇଥିଲା।

# ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ଡେରାବିଶ, ୫।୨ (ସ୍ୱ.ପ୍ର.)**

ଡେରାବିଶ କ୍ରିକେଟ କ୍ଲବର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ରବିବାରଠାରୁ ସ୍ୱର୍ଣ୍ଣ ଜୟନ୍ତୀ ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଡେରାବିଶ ମିନି ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଜିଲାର ପଞ୍ଚୁପାଣ୍ଡବ କ୍ରିକେଟ ଦଳକୁ କଟକର ୟଙ୍ଗ ଷ୍ଟାର କ୍ରିକେଟ ଦଳ ୩ ଉଇକେଟରେ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ଉନ୍ନିତ ହୋଇଛି। ଏହି ଉପଲକ୍ଷେ ଖେଳ ପୂର୍ବରୁ ଆୟୋଜକ ଡେରାବିଶ କ୍ରିକେଟ ଟିମର ସଭାପତି ରଞ୍ଜନ କୁମାର ସାହୁଙ୍କ ପୌରୋହିତ୍ୟରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅଜୟ କୁମାର ରାଉତ ଓ ୧୨ନଂ. ଜୋନର ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ପଡୋଶୀ ଚାଟରାଚକଡା ପଞ୍ଚାୟତର ସରପଞ୍ଚ ମମତା ରାଉତ,ସ୍ଥାନୀୟ ଗୋଲରାହାଟ ପଞ୍ଚାୟତର ସରପଞ୍ଚ କାଶିନାଥ କାଣ୍ଡି ଓ ସମିତିସଭ୍ୟ କରୁଣାକର କାଣ୍ଡି ଏବଂ ଜୟନ୍ତ କୁମାର ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପଞ୍ଚୁପାଣ୍ଡବ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂର ନିର୍ଣ୍ଣୟ ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୨୨ରନ ସଂଗ୍ରହ କରିଥିଲା। ଏହାର ଜବାବରେ ବ୍ୟାଟିଂ ପାଇଁ ଓହ୍ଲାଇ କଟକ ଦଳ ୧୯.୧ ଓଭରରେ ୭ ଉଇକେଟ ବିନିମୟରେ ୧୨୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସନ୍ତୋଷ ସେଠୀଙ୍କୁ ଆଜିର ଖେଳର ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ କରାଯାଇଥିଲା। ଓସିଏ ପ୍ୟାନେଲର ଆମ୍ପେୟାର ପ୍ଲାବନ କୁମାର ସ୍ୱାଇଁ ଓ ଲଳିତେନ୍ଦୁ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ।

# ଗୋରେଖନାଥଙ୍କ ଜନ୍ମୋତ୍ସବ,ପୀଠରେ ଭକ୍ତଙ୍କ ଭିଡ଼

**ରଘୁନାଥପୁର,୫।୨(ଡି.ଏନ୍.ଏ.)**


ଗୋରେଖନାଥ ପୀଠରେ ଭକ୍ତଙ୍କ ଭିଡ଼।

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ରର ଅଧିଷ୍ଠାତା ପ୍ରଭୁ ଗୋରେଖନାଥଙ୍କ ଜନ୍ମୋଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠରେ ଭକ୍ତଙ୍କ ଭିଡ଼ ଜମିଛି। ପ୍ରତ୍ୟୁଷରେ ପ୍ରଭୁଙ୍କ ମଙ୍ଗଳା ଆରତି କାର୍ଯ୍ୟ ସମାପନ ହୋଇଥିଲା। ଏହାପରେ ପୀଠ ମଧ୍ୟକୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ଏନେଇ ଦିନତମାମ ପୀଠରେ ଭଜନ କୀର୍ତ୍ତନ ହେବା ସହ ଗୀତାଯଜ୍ଞ ଆୟୋଜନ କରାଯାଇଥିଲା। ପ୍ରଭୁଙ୍କ ମଧ୍ୟାହ୍ନ ଅବକାଶ ପରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବହୁ ସଂଖ୍ୟକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ଥାନୀୟ କେରେକେରା, ରାହାଡ଼ିଙ୍ଗା, ଛପଡା, ଗନାଇଲୋ ଓ ଆଖପାଖ ଯୁବକ ସଂଘର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ବୁଦ୍ଧିଜୀବୀ ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି ଓ କ୍ଷୀରୋଦ ମହାନ୍ତିଙ୍କୁ ନେଇ ଗଠନ ହୋଇଥିବା କମିଟି ଏହାର ତତ୍ତ୍ୱାବଧାନ ଦାୟିତ୍ୱରେ ଥିଲେ।

ତିର୍ତ୍ତୋଲ ତହସିଲଦାର ଅମୂଲ୍ୟ କୁମାର ସାହୁ ପୀଠର ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବାବେଳେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା ଏହାର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶୃଙ୍ଖଳିତ ଦର୍ଶନ ତଥା ଭିଡକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆଇଆଇସି ଯୁଗଳ କିଶୋର ଦାସ ଓ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ଆଇନ ଶୃଙ୍ଖଳା ଉପରେ ନଜର ରଖିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପୀଠରେ ଫାଷ୍ଟେଡ଼ ବ୍ୟବସ୍ଥା, ପାନୀୟଜଳ ଓ ଦମକଳ ବହିନୀଙ୍କ ପକ୍ଷରୁ ସହଯୋଗ ଯୋଗାଇ ଦିଆଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ରାତିରେ ଉପସ୍ଥିତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ଗନିଆ ଦାସ, ସୁନିଆ ଯୋଗାଣିଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଜାତୀୟ ଖାଉଟି ସମ୍ମିଳନୀରେ ଡ. ସୁନାକର ବେହେରା ସମ୍ମାନିତ

**ରାହାମା,୫।୨(ଡି.ଏନ୍.ଏ.)**

ମହାରାଷ୍ଟ୍ରର ନାଗପୁରଠାରେ ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ଆୟୋଜିତ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ଖାଉଟି ସମ୍ମିଳନୀରେ ଓଡିଶା ଖାଉଟି କଲ୍ୟାଣ ପରିଷଦର ରାଜ୍ୟ ସମ୍ପାଦକ ସାମାଜିକ କର୍ମୀ ଡ଼.ସୁନାକର ବେହେରାଙ୍କୁ ସମ୍ମାନିତ କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଉକ୍ତ ସମ୍ମିଳନୀରେ କଞ୍ଜୁମର କମ୍ ଫେଡେରେଶନ ଅଫ୍ ଇଣ୍ଡିଆ ମହାସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅନନ୍ତ ନାରାୟଣ ଶର୍ମା, ପ୍ରିନସିପାଲ ସେକ୍ରେଟାରୀ ଦେବେନ୍ଦ୍ର ତିୱାରୀ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଆଡ୍‌ଭାଇଜରି ବୋର୍ଡ ସଦସ୍ୟ ଭିଖ୍ୟାତ ସେନାଇଁ, ସଭାପତି ଡ. ଅରୁଣ କୁମାର, ସିସିଆଇ ଭାଇସ ପ୍ରେସିଡେଣ୍ଟ ପ୍ରୀତି ପାଣ୍ଡିଆନ ଜୋଶୀଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡ.ବେହେରା ଏହି ସମ୍ମିଳନୀରେ ଓଡ଼ିଶା ଖାଉଟି ସମସ୍ୟା ଉପରେ ପ୍ରତିନିଧିତ୍ୱ କରିବା ସହ ଖାଉଟିମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ। ଭାରତର ବିଭିନ୍ନ ପ୍ରଦେଶରୁ ରାଜ୍ୟ ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନେ ଏହି ଜାତୀୟ ସମ୍ମିଳନୀରେ ଯୋଗଦେଇ ନିଜନିଜ ରାଜ୍ୟର ସନ୍ଦର୍ଭ ଓ ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଓଡିଶା ଗ୍ରାହକ କଲ୍ୟାଣ ପରିଷଦ ଅଧ୍ୟକ୍ଷ ବଇଁଶୀଧର ଆଚାର୍ଯ୍ୟ, ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ ପ୍ରମୁଖ ବେହେରାଙ୍କୁ ଏନେଇ ଅଭିନନ୍ଦନ ଜଣାଇଛନ୍ତି।

# ଦୀପ୍ତିକାନ୍ତ ସୁମନ ଶୁଭାଶିଷ ସ୍ମାରକୀ କ୍ରିକେଟ୍: ପଟ୍ଟାମୁଣ୍ଡାଇ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

**ଡେରାବିଶ,୫।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ାସ୍ଥିତ ମା' ବୁଢ଼ା ଜାଗୁଲାଇ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦିପ୍ତିକାନ୍ତ ସୁମନ ଶୁଭାଶିଷ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଓ ମଣିଜଙ୍ଗା ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ନିହାର ରଞ୍ଜନ ସାମଲ ଓ ତାପସ ଭଦ୍ର ଅମ୍ପାୟାର ଭାବେ ଏହି ମ୍ୟାଚ୍ ପରିଚାଳନା କରିଥିଲେ । ମ୍ୟାଚ୍‌ରେ ମଣିଜଙ୍ଗା ଟିମ୍‌କୁ ହରାଇ ପଟ୍ଟାମୁଣ୍ଡାଇ ଟିମ୍ ଚମ୍ପିଆନ୍ ଟ୍ରଫି ହାସଲ କରିଛି । ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସ୍ଥାନୀୟ ସରଞ୍ଚ ଶିଶିର ସାମଲ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥିଭାବେ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ଓ ସମ୍ମାନିତ ଅତିଥି ଭାବେ ରତାଦିଆ ଖଣ୍ଡସାହି ସମବାୟ ସମିତି ସଭାପତି ବିମଳକାନ୍ତ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୁର୍ଗା ଚରଣ ଭଦ୍ର, ଗଙ୍ଗାଧର ମଲିକ ଯୋଗ ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ୍, ବେଷ୍ଟ ବୋଲର ଓ ଶୃଙ୍ଖଳିତ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟଅତିଥି ସାହୁ ରନର୍ସ ଅପ୍ ମଣିଜଙ୍ଗାକୁ ସ୍ମାରକୀ ଟ୍ରଫି ଓ ଚାମ୍ପିୟନ ଟିମ୍ ପଟ୍ଟାମୁଣ୍ଡାଇକୁ ମୁଖ୍ୟବକ୍ତା ସାମଲ ସ୍ମାରକୀ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ଭକ୍ତି ପ୍ରସାଦ ବଳ ମଞ୍ଚ ସଂଯୋଜନା କରିଥିବା ବେଳେ ଅଭିଜିତ୍ ଭଦ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ସଦସ୍ୟ ବିକାଶ ଭଦ୍ର, ଶ୍ରୁତିରଞ୍ଜନ ନାୟକ, ବେଦାଂଶୁ ତ୍ରିପାଠୀ, ପ୍ରତୀକ ଆଚାର୍ଯ୍ୟ, ଆଶିଷ ଦାସ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣିଥାଏ

**ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ବାର୍ଷିକ ଉତ୍ସବ**

**ପଟ୍ଟାମୁଣ୍ଡାଇ,୫।୨(ସ୍ୱ.ପ୍ର.)**

ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରୀଛାତ୍ରମାନେ ପ୍ରତିକ୍ଷେତ୍ରରେ ଦୃଢ ଇଚ୍ଛାଶକ୍ତି ପ୍ରଦର୍ଶନ କଲେ ସଫଳତା ପାଇପାରିବେ ବୋଲି ପଟ୍ଟାମୁଣ୍ଡାଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ଗ୍ଲୋରି ଫେଷ୍ଟ-୨୦୨୩ରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ମତବ୍ୟକ୍ତ କରିଛନ୍ତି । ଶିକ୍ଷୟିତ୍ରୀ ସୁଚିତ୍ରା ନନ୍ଦୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଯୋଗ ଦେଇ ବିଧାୟକ ସାହୁ କହିଲେ ପିତାମାତା ପିଲାମାନଙ୍କ ରୋଲ୍ ମଡେଲ । ପିଲାମାନଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବା ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା,ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ତମ ଛାତ୍ରୀଛାତ୍ର ତିଆରି କରିବାରେ ସ୍କୁଲର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସ୍କୁଲର ନିର୍ଦ୍ଦେଶକ ଇଂ. ଦେବବ୍ରତ ସ୍ୱାଇଁ ଉକ୍ତ ସ୍କୁଲକୁ ଆଦର୍ଶ ମଡେଲ ସ୍କୁଲରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସ୍କୁଲ ଅଧ୍ୟକ୍ଷ ଓମ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ।

# ମା' ବାପା, ଶିକ୍ଷକ ହିଁ ପିଲାର ଭବିଷ୍ୟତ ଗଢ଼ିପାରିବେ

**ରାଜନଗର, ୫।୨(ଡି.ଏନ.ଏ.)**

ରାଜ୍ୟ ସରକାର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ମୋ ସ୍କୁଲ୍ ଓ ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାୟତନର ବିକାଶ କରୁଛନ୍ତି। କେବଳ ମା'ବାପା, ଶିକ୍ଷକମାନେ ଚାହିଁଲେ ହିଁ ପିଲାର ବିକାଶ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ। କଣ୍ଡିରାସ୍ଥିତ ବାସୁଦେବ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟ ଓ ବାସୁଦେବ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଏବଂ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଧ୍ରୁବଚରଣ ସାହୁ ଏହା କହିଛନ୍ତି। ବିଦ୍ୟାପୀଠ ପ୍ରଧାନଶିକ୍ଷକ ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷା ପ୍ରଦୀପ ଓଷ୍ଟାର ପୂର୍ବତନ ସମ୍ପାଦକ କାଳୀପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ, ଶିକ୍ଷାବିତ୍ ସତ୍ୟବାଦୀ ଜେନା, ଶୁଭକାନ୍ତ ନାୟକ, ସର୍ବେଶ୍ୱର ଲେଙ୍କା, ସମୀରନ ମଣ୍ଡଳ, ବିଜୟ କୁମାର ପାତ୍ର, ସରପଞ୍ଚ ହେମଲତା ମାହୁନ୍ତ ଓ ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ସାମାଜିକ କର୍ମୀ କୃପାସିନ୍ଧୁ ସାମଲଙ୍କ ସମେତ ବ୍ଲକ୍‌ର ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକମାନେ ଯୋଗଦେଇଥିଲେ।

ଏହି ଅବସରରେ ସ୍କୁଲ ପ୍ରତିଷ୍ଠାତା ସଭାପତି ଅନନ୍ତ ଚରଣ ମହାନ୍ତି, ପ୍ରତିଷ୍ଠାତା ସମ୍ପାଦକ ଗୌରାଙ୍ଗ ଚରଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶିକ୍ଷକ ସୁକାନ୍ତ ଚରଣ ମହାନ୍ତି, ଜନକର ରାଉତଙ୍କ ସମେତ ଲମ୍ବୋଧର ପରିଡ଼ା ଓ କର୍ମଚାରୀ ମହେଶ୍ୱର ପଲେଇଙ୍କୁ ସ୍କୁଲ୍ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାଟ୍ରିକ ଟପ୍ପର ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାସୁଦେବ ନୋଡାଲ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା, ସ୍କୁଲ ସଭାପତି ସର୍ବେଶ୍ୱର ସ୍ୱାଇଁ, ପୁରାତନ ଛାତ୍ର ପ୍ରଭାତ ମହାନ୍ତି, ବ୍ରଜମୋହନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ଗୋପାଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଆତ୍ମବିଶ୍ୱାସ ହିଁ ଛାତ୍ରୀଛାତ୍ରଙ୍କୁ ସଫଳତା ଦେବ

**ଆଳି,୫।୨(ଡି.ଏନ୍.ଏ.)**



ହୀରକ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ସାମନ୍ତସିଂହାର କେଲୁଚରଣ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ**

ଆତ୍ମବିଶ୍ୱାସ ହିଁ ଛାତ୍ରୀଛାତ୍ରଙ୍କୁ ଜୀବନରେ ସଫଳତା ଆଣିଦେବ । ଛାତ୍ରୀଛାତ୍ରମାନେ ସଫଳତା ପାଇବା ନିମନ୍ତେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ରଖିବା ଦରକାର ବୋଲି ପତ୍ରପୁର ସାମନ୍ତସିଂହାର କେଲୁଚରଣ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୁରାତନ ଛାତ୍ର ସଂସଦ ସଭାପତି ସୁଧୀର ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଆଳିର ବିଧାୟକ ତଥା ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ,ମୁଖ୍ୟବକ୍ତା ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ,ସମ୍ମାନିତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ସମ୍ମାନିତ ବକ୍ତା ଭାବେ ପ୍ରଫେସର ଅତୁଳ ବଳ ପ୍ରମୁଖ ଯୋଗଦେଇ ସରକାରଙ୍କ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଦେବ କହିଲେ, ମଣିଷ ତିଆରି କାରଖାନା ହେଉଛି ଶିକ୍ଷାନୁଷ୍ଠାନ।

ପିଲାଙ୍କ ଆଭିମୁଖ୍ୟ ବଦଳାଇବା ସହିତ ଶିକ୍ଷାର ଅଗ୍ରଗତି ନିମନ୍ତେ ୫-ଟି ସ୍କୁଲର ବ୍ୟବସ୍ଥା କରାଯାଇଛି। ଆଜିର ଯୁଗ ସହିତ ତାଳ ଦେଇ କିପରି ଛାତ୍ରୀଛାତ୍ରମାନେ ଅଧିକ କିଛି ଜାଣିବେ ସେଥିପାଇଁ ପରିବେଶର ଗୁଣାତ୍ମକ ପରିବର୍ତ୍ତନ,ଶିକ୍ଷାର ଗୁଣାତ୍ମକ ମାନର ପରିବର୍ତ୍ତନ ସହିତ ମାନସିକତାର ଗୁଣାତ୍ମକ ପରିବର୍ତ୍ତନ ହେବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷାମନ୍ତ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଛନ୍ତି ଏହି ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବ ପାଳନ କରିଥିବାରୁ ବିଦ୍ୟାଳୟରେ +୨ କଲେଜ ଖୋଲିବା ନିମନ୍ତେ ଯେଉଁ ଦାବି ହୋଇଥିଲା ତାହା ଆଗାମୀ ୨୦୨୪-୨୫ ଶିକ୍ଷା ବର୍ଷରେ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ବ୍ରଜ ସୁନ୍ଦର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅର୍ଜୁନ ଚରଣ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ରବିନ୍ଦ୍ର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

